ଗଛ ଓ କାଠୁରିଆ

ନନ୍ଦ କିଶୋର ବଳ

ରହ ଆରେ କାଠୁରିଆ ନ ପକାଅ ହାଣି,
ଶୁଣ କାନ ଡେରି ଥରେ ଏ ଗଛ କାହାଣୀ ।
ନ ଫୁଟୁ ପଛକେ ବାସଫୁଲ ଗଛ ଦେହେ,
ନ ଉଡୁ ପଛକେ ମଧୁମକ୍ଷିକା ସେନେହେ ।
ବସି କୁହୁକୁହୁ ତାନେ ନବ ମଧୁକାଳେ,
ନ ଗାଉ କୋକିଳ ପଛେ ଫୁଲଭରା ଡାଳେ ।
ନ ଫଳୁ ପଛେ ଏ ଗଛେ ମିଠାମିଠା ଫଳ,
ଖରାବେଳେ ବାଟୋଇ ତ ବସେ ଏହା ତଳ ।

ଛାଡ଼ି ଯାଅ କାଠୁରିଆ ନ ପକାଅ ହାଣି,
ଶୁଣ କାନ ଡେରି ଥରେ ଏ ଗଛ କାହାଣୀ ।
କାଠୁରିଆ ନ ହାଣ ସେ ଗଛ, ରହରହ,
ତାହାକୁ ଲଗାଇ ଗଲେ ପିତୃପିତାମହ ।
କେତେ ଦୁଃଖସୁଖ ସେ ଯେ ଦେଖିଛି ଆମ୍ଭର,
କେତେ ଝିଅପୁଅ କେତେ ଯାତ ବିଭାଘର ।
ମନେ ପଡ଼େ ପିଲାଦିନେ ଏହାରି ମୂଳରେ,
ଖେଳୁଥିଲି ମୁହିଁ ଖେଳ ସାଥୀ ଗହଳରେ ।

ଏବେ ବାଲ୍ୟକାଳେ ପୋଥି ଧରି ଛାଇ ତଳେ,
ପଢ଼ଇ ବସି ମୁଁ ସଞ୍ଜ ସକାଳେ ନିଶ୍ଚଳେ ।
କାଠୁରିଆ ନ ହାଣ ସେ ଗଛ, ରହରହ,
ଦେଖିଅଛି ଏ ଗଛ ମୋ ପିତୃପିତାମହ ।
ନ ହାଣ ଏ ଗଛ ଶୁଣଶୁଣ ମୋର ବାଣୀ,
ଥାଉ ମୁଁ ଜୀବନେ ଗଛ ନ ପାରିବ ହାଣି ।

ପୂରୁବ ଆକାଶେ ସୂର୍ଯ୍ୟ ଉଦେ ପ୍ରଭାତରେ,
ଉଠନ୍ତି ପକ୍ଷୀଏ ରାବି ଏହାରି ଡାଳରେ ।
ଯାଅଯାଅ କାଠୁରିଆ ଏ ଗଛ ନ ହାଣି,
ରଖିବି ଏ ଗଛ ମୁହିଁ ସତ୍ୟ ମୋର ବାଣୀ ।

ଶିକ୍ଷକଙ୍କ ପାଇଁ ସୂଚନା

- ✔ ଶିକ୍ଷାଦାନ ପୂର୍ବରୁ ନନ୍ଦ କିଶୋର ବଳଙ୍କ ଫଟୋ ସଂଗ୍ରହ କରି ଶ୍ରେଣୀ ଗୃହର କାନ୍ଥରେ ଟାଙ୍ଗିବେ ବା ଟେବୁଲ୍ ଉପରେ ରଖିବେ।
- ✔ ବିଦ୍ୟାଳୟ ନିକଟରେ ବା କୌଣସି ପରିଚିତ ରାସ୍ତାକଡ଼ରେ ଥିବା ଗୋଟିଏ ପୁରୁଣା ଗଛପ୍ରତି ଛାତ୍ରଛାତ୍ରୀମାନଙ୍କର ଦୃଷ୍ଟି ଆକର୍ଷଣ କରାଇବେ।
- ✔ ସେହି ଗଛଟି ଆମର କି କି ଉପକାର କରୁଛି, ତାହା ପିଲାଙ୍କଠାରୁ ଆଦାୟ କରିବେ ।
- ✔ ବନମହୋତ୍ସବ ବିଷୟରେ ପ୍ରତିପିଲାଙ୍କୁ ସଚେତନ କରାଇବେ ।
- ✔ ଶେଷରେ ଶିକ୍ଷକ ସମ୍ଭବ ହେଲେ ବିଦ୍ୟାଳୟର ବଗିଚାରେ ପିଲାମାନଙ୍କଦ୍ୱାରା ବୃକ୍ଷ ରୋପଣ କରାଇବେ ।

ଆସ ଜାଣିବା କେତୋଟି ଶବ୍ଦ

ବାସ	ପିତୃପିତାମହ	ପ୍ରଭାତ
ମଧୁମକ୍ଷିକା	ଯାତ	ବାଣୀ
ମଧୁକାଳ	ନିଶ୍ଚଳ	ବାଲ୍ୟକାଳ

ଅଭ୍ୟାସ

୧. ଆସ କଥାବାର୍ତ୍ତା ହେବା ।

(କ) ଗଛଠାରୁ ଆମେ କ'ଣ କ'ଣ ପାଇଥାଉ ?
(ଖ) ପିଲାଟି କାହିଁକି ଗଛ ହାଣିବା ପାଇଁ କାଠୁରିଆକୁ ମନାକଲା ?
(ଗ) ମିଠାଫଳ ଫଳୁ ନ ଥିଲେ ମଧ କୌଣସି ଗଛକୁ କାଟିବା ନାହିଁ କାହିଁକି ?
(ଘ) ଗଛ କି କି ଘଟଣା ସବୁ ଦେଖିଛି ବୋଲି କବିତାରେ ଲେଖାଯାଇଛି ?
(ଙ) ପିଲାଟି ବାଲ୍ୟକାଳରେ ଗଛମୂଳେ ବସି କଅଣ କରୁଥିଲା ?

୨. କବିତାର ଯେଉଁ ଧାଡ଼ିରୁ ତଳଲିଖିତ କଥାଗୁଡ଼ିକ ବୁଝାପଡୁଛି, ସେହି ଧାଡ଼ିଟିକୁ ଆବୃତ୍ତି କରିବା ।

(କ) ବରଂ ଗଛ ପାଖରେ ମହୁମାଛିମାନେ ସ୍ନେହରେ ନ ଉଡ଼ନ୍ତୁ ।

(ଖ) କାଠୁରିଆ ! ରହିଯାଅ, ସେ ଗଛ ହାଣ ନାହିଁ।

(ଗ) ଏ ଗଛକୁ ଆମ ବାପ ଅଜା ଲଗାଇଥିଲେ ।

(ଘ) ମୁଁ ପିଲାଦିନେ ସାଙ୍ଗମାନଙ୍କ ସହିତ ଖେଳୁଥିଲି ।

୩. ନିମ୍ନରେ କବିତାର ଗୋଟିଏ ମାତ୍ର ଧାଡ଼ି ଦିଆଯାଇଛି । ମନେ ପକାଇ ଅନ୍ୟ ଧାଡ଼ିଟି ଲେଖି ପୂରଣ କରିବା ।

(କ) କେତେ ଦୁଃଖସୁଖ ସେ ଯେ ଦେଖିଛି ଆମ୍ଭର।

....

(ଖ) ପଢ଼ଇ ବସି ମୁଁ ସଞ୍ଜ ସକାଳେ ନିଶ୍ଚଳେ

....

(ଗ) ନ ଫଳୁ ପଛେ ଏ ଗଛେ ମିଠାମିଠା ଫଳ

....

(ଘ) ଯାଅ ଯାଅ କାଠୁରିଆ ଏ ଗଛ ନ ହାଣି

....

....

୪. ନ ଫଳୁ ପଛେ ଏ ଗଛେ ମିଠାମିଠା ଫଳ,
ଖରାବେଳେ ବାଟୋଇ ତ ବସେ ଏହା ତଳ।

ଏହି ପଦର ଭାବ କିଛି ଲେଖାଯାଇଛି ବାକି ଲେଖା ପୂରଣ କରିବା

ଏହି ଗଛରେ ବରଂ ମିଠାମିଠା ଫଳ ନ ଫଳୁ..

....

....

୫. ତଳେ କବିତାର କେତୋଟି ଧାଡ଼ି ଲେଖାଯାଇଛି । ସେଗୁଡ଼ିକୁ ଗଦ୍ୟ ଆକାରରେ ଲେଖିବା ।

(କ) ଥାଉ ମୁଁ ଜୀବନେ ଗଛ ନ ପାରିବ ହାଣି

....

(ଖ) ପୂରୁବ ଆକାଶେ ସୂର୍ଯ୍ୟ ଉଦେ ପ୍ରଭାତରେ

....

(ଗ) କେତେ ଦୁଃଖସୁଖ ସେ ଯେ ଦେଖିଛି ଆମ୍ବର।

....

(ଘ) କାଠୁରିଆ ନ ହାଣ ସେ ଗଛ ରହ ରହ।

....

୬. ଫୁଲର ପାଖୁଡ଼ାରେ ଥିବା ଶବ୍ଦଗୁଡ଼ିକ ସହ ବାମ ପାଖ କୋଠରୀରେ ଥିବା ଶବ୍ଦଗୁଡ଼ିକର ସମ୍ପର୍କ ଅଛି। କୋଠରୀରୁ ଉପଯୁକ୍ତ ଶବ୍ଦ ଆଣି ଉପର ପାଖୁଡ଼ାରେ ଲେଖିବା।

- ମେଳା
- ଜୀବନ
- ସାଙ୍ଗ
- କଥା
- ଅଧିକ
- ବସନ୍ତ ଋତୁ



୭. (କ) ମଲ୍ଲୀଫୁଲର ବାସ ଭାରି ମଧୁର ।

(ଖ) ଗରିବ ପିଲାଟିର ପିନ୍ଧିବାକୁ ବାସ ଖଣ୍ଡିଏ ବି ନାହିଁ ।

(ଗ) ସନ୍ଧ୍ୟାବେଳେ କୃଷକ ତା' ବାସକୁ ଫେରିଲା ।

ଏଠାରେ ବାସ ଶବ୍ଦଟି ଭିନ୍ନଭିନ୍ନ ଅର୍ଥରେ ବ୍ୟବହୃତ ହୋଇଛି। କେଉଁ ବାକ୍ୟରେ କେଉଁ ଅର୍ଥ ବୁଝାଉଛି ପାଖ ଘରେ ଲେଖିବା ।

୮. ଜଣେ ଲୋକ ଗଛଟିଏ ହାଣିବାକୁ ଯାଉଛି । ତାକୁ କ'ଣ କହି ଗଛ ନ ହାଣିବା ପାଇଁ ବୁଝାଇବା ଆସ ଲେଖିବା।

....

....

୯. ଅକ୍ଷରଗୁଡ଼ିକ ସଜାଡ଼ି ଠିକ୍ ଶବ୍ଦ ଲେଖିବା।

କାରିଠୁଆ, କ୍ଷିକାମ, କୋଳକି, ପିହମତା, ପ୍ରତଭା

ତୁମ ପାଇଁ କାମ

- ଗଛ, ଜଙ୍ଗଲ, ବିଷୟରେ ବିଭିନ୍ନ ପତ୍ରପତ୍ରିକାରୁ ଗପ କବିତା ସଂଗ୍ରହ କର ଓ ପଢ଼।
- ଗଛ ବିଷୟରେ ଗୋଟିଏ କବିତା ଲେଖି ଶିକ୍ଷକଙ୍କୁ ଦେଖାଅ ।
- ସାଙ୍ଗମାନେ ଏକାଠି ମିଶି ବିଦ୍ୟାଳୟ ବଗିଚାରେ ଗଛଟିଏ ଲଗାଅ।